ବିଜ୍ଞାପିତ ଅଂଚଳ ପରିଷଦ, ଅତାବିରା

**OFFICE OF THE NOTIFIED AREA COUNCIL, ATTABIRA**

DIST:-BARGARH (ODISHA) PIN-768027,Email-attabiranac.2013@gmail.com, Ph.06682-221212

Date. 19/03/2025

Letter No. 523 /ATTB 19.3.25

## ବିଜ୍ଞାପନ

ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପତ୍ରସଂଖ୍ୟା 5014/ dt- 28/09/2021 ଜନସ୍ୱାସ୍ଥ୍ୟ ବିଭାଗ ଅତାବିରାଙ୍କ ପତ୍ରସଂଖ୍ୟା 144/ dt -06/3/2024 ଅନୁଯାୟୀ ତିନିଗୋଟି (03) ଜଳସାଥୀ ଚୟନ ସକାଶେ ଆବେଦନ ପତ୍ର ଆହ୍ୱାନ କରାଯାଇଅଛି । ଏଥି ନିମନ୍ତେ ଅତାବିରା ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାକୟ ଗୋଷ୍ଠୀ ଓ ଆଞ୍ଚଳିକ ସ୍ତରୀୟ ମହିଳା ମହାସଂଘ ଗୁଡିକୁ ଜଣାଇ ଦିଆଯାଉଅଛି ଯେ ସ୍ୱୟଂ ସହାୟକ ଗୋଷ୍ଠୀର ଯେ କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାଇ ଅତାବିରା ବିଜ୍ଞାପିତ ଅଂଚଳ ପରିଷଦରେ ଜଳସାଥୀ ନିମନ୍ତେ ଆବେଦନ ଫର୍ମଟିକୁ ଅତାବିରା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟରୁ ଗ୍ରହଣ କରିପାରିବେ । ଆବେଦନ ପତ୍ର ସହିତ ଆବଶ୍ୟକୀୟ ଡକୁମେଣ୍ଟ ସଂଲଗ୍ନ କରି ଆସନ୍ତା ତାରିଖ 19.03.2025 ରୁ 04.04.2025 ସମୟ 5 ଘ. ସମୟ ସୁଦ୍ଧା କାର୍ଯ୍ୟାଳୟରେ ଡାକଯୋଗେ ପହଂଚିବା ଆବଶ୍ୟକ ।କୌଣସି ଦରଖାସ୍ତ ସିଧାସଳଖ ହାତରେ ଗ୍ରହଣ କରାଯିବ ନାହିଁ ।

**ଜଳସାଥୀ ଚୟନ ନିମନ୍ତେ ଆବଶ୍ୟକ ଯୋଗ୍ୟତା**

1.ଆବେଦନ କାରୀଙ୍କ ବୟସ 18 ରୁ 45 ବର୍ଷ ହୋଇଥିବା ଆବଶ୍ୟକ ।

2. ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ହୋଇଥିବେ ଏବଂ ଦୁଇବର୍ଷ ଧରି ସକ୍ରିୟ ସଦସ୍ୟା ଭାବରେ କାମ କରିଥିବେ ଏବଂ S.H.G. ଉକ୍ତ ସଦସ୍ୟାଙ୍କୁ ମନୋନୀତ କରିଥିବେ ।

3. . ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଅତାବିରା ବିଜ୍ଞାପିତ ଅଂଚଳ ପରିଷଦର ଅନ୍ତର୍ଭୁକ୍ତ ହୋଇଥିବେ ।

4. ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ (ଶିକ୍ଷାଗତ ଯୋଗ୍ୟତା ) ପାସ କରିଥିବା ଆବଶ୍ୟକ ।

5. ଆବେଦନକାରୀଙ୍କ ନାମରେ ପାସବୁକ ସହିତ ଦେବିଟିକାର୍ଡ (ATM) ଥିବା ଆବଶ୍ୟକ ।

6.ଆବେଦନକାରୀଙ୍କ ବ୍ୟକ୍ତିଗତ ସ୍ମାର୍ଟଫୋନ (smart phone ) ଥିବା ଆବଶ୍ୟକ ।

7.ଆବେଦନ କାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁ ନ ଥିବେ (ଯଥା -ସ୍ୱଛ ଭାରତ ମିଶନ) ।

8.ଆବେଦନ କାରୀଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନ ଥିବ । ଏତଦ୍ ବ୍ୟତିତ ଏଥି ସହ ସଂଲଗ୍ନ ସର୍ତାବଳୀକୁ ଆବେଦନ ପୂର୍ବରୁ ସମ୍ପୂର୍ଣ୍ଣ ପଠନ କରିବା ଆବଶ୍ୟକ ।

ବି .ଦ୍ର : ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

19/03/2025

**କାର୍ଯ୍ୟ ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଂଚଳ ପରିଷଦ, ଅତାବିରା**

ପରିପତ୍ର ସଂଖ୍ୟା 524 /19.3.25 ତା: 19.3.25

ଏହାର ଏକକିତା ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ଅତାବିରା /ନିର୍ବାହୀଯନ୍ତ୍ରୀ ,ଜନସ୍ୱାସ୍ଥ୍ୟବିଭାଗ , ସମ୍ବଲପୁର /ତହସିଲଦାର , ଅତାବିରା / ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅତାବିରାଙ୍କ ଅବଗତି /MIS NAC Attabira for uploading in web portal ଓ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ରେ ଲଟକା ଜାରି କରିବା ନିମନ୍ତେ ପ୍ରେରଣା ଦିଆଗଲା ।

19/03/2025

**କାର୍ଯ୍ୟ ନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଂଚଳ ପରିଷଦ, ଅତାବିରା**

Scanned with OKEN Scanner

ସର୍ତାବଳୀ :- ଏତତ ଦ୍ୱାରା ଆପଣ ମାନଂକୁ ଏହି ବିଷୟରେ ଅବଗତ କରାଇ ଦିଆ ଯାଉଅଛି ଯେ ଜଳସାଥୀ ପଦବୀଟି ସମ୍ପୂର୍ଣ ଭାବରେ ଚୁକ୍ତି ଭିତ୍ତିକ ନିଯୁକ୍ତି ଅଟେ । ଜନସ୍ୱାସ୍ଥ୍ୟ ବିଭାଗ ,ଅତାବିରା ପ୍ରୋତକ ପରିବାରକୁ ଯୋଗାଇ ଦିଆଯାଇଥିବା ପାନୀୟ ଜଳବାବଦକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଶିକୁ ଅସୁଲକରିବା ,ମାସିକ ଜଳପରୀକ୍ଷା ,ନୂତନ ପାନୀୟ ଜଳସଂଯୋଗ ସକାଶେ ବାର ଗୋଟି ୱାର୍ଡରେ ସର୍ବମୋଟ (03) ଜଳସାଥୀ ବିଜ୍ଞାପିତ ଅଂଚଳ ପରିଷଦ ,ଅତାବିରା ପାଇଁ ଆବଶ୍ୟକତା ଥିବା ଦୃଷ୍ଟିରୁ ଏବଂ ସରକାରଙ୍କର ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିର୍ଦେଶପତ୍ର ସଂଖ୍ୟା ଅନୁଯାଇ ମନୋନୀତ କରିବା ସକାଶେ ନିଷ୍ପତି ନିଆଯାଇଅଛି । ଏହି ଜଳସାଥୀ ମାନେ ମନୋନୀତ ହେଲାପରେ ସମ୍ପୂର୍ଣ ରୂପେ ଜନସ୍ୱାସ୍ଥ୍ୟ ବିଭାଗ ,ଅତାବିରା ଦ୍ୱାରା ପରିଚାଳିତ ହେବେ ଏବଂ ତାଙ୍କ ନିର୍ଦେଶ ,ଉପଦେଶନୀତି ଓ ନିୟମ ଅନୁଯାଇ କାର୍ଯ୍ୟ କରିବେ । ଏହି ପଦବୀ ନିମନ୍ତେ ବିଜ୍ଞାପନରେ ଦିଆଯାଇଥିବା ଯୋଗ୍ୟତା ସହିତ MPOS Machine ପାଇବା ପାଇଁ ଏହାର Security deposit ବାବଦକୁ ହିସାବରେ ଜନସ୍ୱାସ୍ଥ୍ୟ ବିଭାଗରେ ଥିବା ଅଧିକାରୀଙ୍କ ନାମରେ depodit କରିବାପାଇଁ ସମର୍ଥ ରହିଥିବା ଆବଶ୍ୟକ ପରବର୍ତୀ ସମୟରରେ ଜଳସାଥୀ ମାନଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ଅତାବିରା ଦ୍ୱାରା ଆନୁଷ୍ଠାନିକ ଭାବରେ ନିଯୁକ୍ତି ପତ୍ର ଦେବା ସହ ଚୁକ୍ତି କରିବା ସଂଗେସଂଗେ ତାଲିମ ଦେବା ସହିତ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ ।

**ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ (ଧାର୍ଯ୍ୟ ) ପ୍ରୋତ୍ସାହିନରାଶି :-**

1.ଜଳସାଥି ମାଧମରେ ଘରୋଇ (ଏକଗୋଟିଘର) ନୂତନ ଜଳସଂଯୋଗ କରିବାପାଇଁ ଟ.100/- ଏବଂ ବ୍ୟବସାୟ ବା ବାଣିଜ୍ୟ ସମ୍ବଧୀୟ ବ୍ୟବହୃତ ହେଉଥିବା ଗୋଟିଏ ଘର ପାଇଁ ନୂତନ ଜଳଯୋଗ ବାବଦକୁ ଟ.200/- ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଅଛି ।

2. ପ୍ରତୋକ ମାସରେ ଜଳସାଥୀ ଦ୍ୱାରା ଆଦାୟ କରାଯାଇଥିବା ମୋଟ ରାଶିର 5 ପ୍ରତିଶତ ଜଳସାଥୀ ମାନଙ୍କୁ ପ୍ରଦାନ କରିବା ନିମଂନ୍ତେ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଅଛି ଯାହାକି ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଦାନ କରାଯିବ ।

3. ପ୍ରତ୍ୟେକ ମାସରେ ଗୋଟିଏ ଜଳସାଥୀଙ୍କ ଦ୍ୱାରା ଅତିକମରେ କୋଡିଏ ଥର ଜଳର ମାତ୍ରାବା ମାନ ଓ ଗୁଣ ପରୀକ୍ଷା କରାଯିବ ଏବଂଗୋଟିଏ ପରୀକ୍ଷା ବାବଦକୁ ଜଳସାଥୀମାନଙ୍କୁ ହିସାବରେ ପ୍ରଦାନକରାଯିବ ।

4.ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ମନୋନୀତ ହୋଇ ଥିବା ଜଳସାଥୀମାନଙ୍କୁ ପ୍ରଥମ ତିନିମାସ ଅତିକମରେ ଟ.3000/- (ସବୁଜଳସାଥୀ) ଜନସ୍ୱାସ୍ଥ୍ୟବିଭାଗ ,ଅତାବିରା ଦ୍ୱାରା ପ୍ରଦାନ କରାଯିବା।ଏହି ବାବଦକୁ ପ୍ରତେକ ମାସରେ ଅତିକମରେ ଜଳଯୋଗାଣ ହୋଇଥିବା 200 ଗୋଟି ପରିବାରକୁ ପରିଦର୍ଶନ କରିବା ଆବଶ୍ୟକ ଓ ଗୋଟିଏ ଜଳସାଥୀଙ୍କଦ୍ୱାରା ପ୍ରତ୍ୱେକ୍ୟ ଦିନ ଗୋଟିଏ ପରୀକ୍ଷଣ (ଜଳର ମାତ୍ର ବା ମାନଓଗୁଣପରୀକ୍ଷାହେବଆବଶ୍ୟକ ।ଯଦିଏହି ତିନି ମାସ ମଧରେ ପ୍ରତ୍ୱେକୟ ମାସ ଜଳସାଥୀ ମାନଙ୍କ

ଦ୍ୱାରା ଆଦାୟ ହୋଇଥିବା ମୋଟ ରାଶିର ପରିମାଣ ଅନୁସାରେ 5 ପ୍ରତିଶତ ପ୍ରୋତ୍ସାହନ ରାଶି ହିସାବରେ ଯଦି ଧାର୍ଯ୍ୟ କରାଯାଇଥିବା ଟ.3000/- ଠାରୁ ଅଧିକ ହୁଏ ତେବେ ଟ. 3000/- ସହିତ ଅଧିକ ହୋଇଥିବା ରାଶିକୁ ପ୍ରଦାନ କରାଯିବ ।

6-ଏହା ବ୍ୟତୀତ ପ୍ରଥମ ତିନିମାସ ମଧରେ ଜଳସାଥୀ ମାନଙ୍କ ଦ୍ୱାରା ପରିବାରକୁ ନୂତନ ଜଳ ସଂଯୋଗ ମାସିକ ଜଳକର ଆଦାୟ ଜଳ ପରୀକ୍ଷଣ ଏବଂ ଅଣ ଅନ୍ୟାନ କାର୍ଯ୍ୟକର୍ମ ବିଷୟରେ ସଚେତନ କରାଇବା ବାବଦକୁ ମାସିକ ଟ.1000/- ଜନସ୍ୱାସ୍ଥ୍ୟ ବିଭାଗ /WATCO ଦ୍ୱାରା ପ୍ରଦାନ କରାଯିବ।

Scanned with OKEN Scanner